**ପାନ ଦୋକାନ ଭାଡ଼ିରେ ନିଆଁ ଲଗାଇଲେ ଦୁର୍ବୃତ୍ତ**

ଉମରକୋଟ, (ସ୍ୱ.ପ୍ର.)- ଉମରକୋଟ ବ୍ଲକ ବେହେଡା ପଞ୍ଚାୟତ ରତନଗୁଡା ଗ୍ରାମ ନିକଟ ନୂଆଗୁଡା ଗ୍ରାମର ଛକରେ ଥିବା ପ୍ରକାଶ ଗଣ୍ଡଙ୍କ ପାନ ଦୋକାନ ଭାଡିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ପ୍ରାୟ ୫ହଜର ଟଙ୍କାର ସାମଗ୍ରୀ ଜଳିଯାଇଛି। ତାଙ୍କୁ ସହାୟତା ଦେବାକୁ ଦାବି ହୋଇଛି। ମାସକ ମଧ୍ୟରେ ଉମରକୋଟ ଅଞ୍ଚଳରେ ୨ ଟି ପୋଡି ଘଟଣା ଘଟିବାରୁ ସାଧାରଣ ରେ ଅସନ୍ତୋଷ ଦେଖା ଯାଉଛି। ପ୍ରଥମେ ବୁର୍ଜା ଗ୍ରାମରେ କାର ପୋଡି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ନୂଆଗୁଡା ପାନ ଦୋକାନ ପୋଡି ଘଟଣା ଘଟି ଯାଇଛି।

## ସଂକ୍ଷେପରେ

### ଉମରକୋଟରେ ମହରମ୍ ପାଳିତ

ଉମରକୋଟ, ୯।୮ ଉମରକୋଟ ସିଆ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମଙ୍ଗଳବାର ମୋହରମ ପାଳନ କରାଯାଇଛି। ଇମ୍ମାମ୍ ବାଡ଼ରେ ଅଲମ୍ ରଖି ନୋହା ମର୍ଶୀୟା ପାଠ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆ ଯାଇଛି। ୧ ତାରିଖରୁ ସିଆ ମୁସଲିମ ତରଫରୁ ଶୋକ ପାଳନ ଆରମ୍ଭ କରାଯାଇ ମଙ୍ଗଳବାର ମୋହରମରେ ଉପାସ ରହି କଳା ପୋଷାକ ପିନ୍ଧି ଆଲମ୍ ବିସର୍ଜନ କରାଯାଇ ଥିବା ରାଜ୍ୟ ଭାଜପା ସଂଖ୍ୟା ଲଘୁ ସେଲ ମୋର୍ଚ୍ଚା ଉପସଭାପତି କାଜାମ ମାଦାନି ସୂଚନା ଦେଇଛନ୍ତି। ଏହି ଅବସରରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଉପସ୍ଥିତ ଥିଲେ।

### ରାଇଘରରେ ମାଓବାଦୀ ବ୍ୟାନର

ରାଇଘର, ୯।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ସୀମାନ୍ତ ରାଇଘର ବ୍ଲକ ହଳଦୀ ପଞ୍ଚାୟତ ମନୀଷା ପାରା ଓ ମିଚ୍ଛିରି ଗ୍ରାମ ମଝିରେ ଥିବା ମକା ଜମିରେ ମାଓବାଦୀ ବ୍ୟାନର ଲାଗିଛି। ସମସ୍ତେ ଆଦିବାସୀ ଭଉଣୀ ଭାଇ ବିଶ୍ୱ ଆଦିବାସୀ ଦିବସକ ଆଡମ୍ବରରେ ପାଳନ କରିବାକୁ ଏଥିରେ ଉଲ୍ଲେଖ ରହିଛି। ଜଳ ଜଙ୍ଗଲ ଜମି ଓ ନିଜର ଅସ୍ତିତ୍ୱକୁ ବଞ୍ଚାଇ ଘରେ ଘରେ ସମସ୍ତେ ସାଂସ୍କୃତିକ ପର୍ବ ପାଳନ କରି ଖୁସିର ଲହରୀ ବାଟନ୍ତୁ ବୋଲି ଏଥିରେ ଲେଖା ହୋଇଛି। ଛତିଶଗଡ଼ ଉଦନ୍ତୀ ମାଓବାଦୀ ସଂଗଠନ ତଥା ସିପିଆଇ(ଏମ୍) ତରଫରୁ ଏହି ବ୍ୟାନର ଲଗାଯାଇଛି।

### ବିଧାୟକଙ୍କ ତୁଳସୀପଦର ଗସ୍ତ

ପାପଡାହାଣ୍ଡି, ୯।୮(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଦୁର୍ଗମ ତୁଳସୀପଦର ଗ୍ରାମକୁ ମଙ୍ଗଳବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯାଇଥିଲେ। ସେଠାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଭେଟିବା ସହ ଗାଁରେ ଥିବା ନଳକୂପ ଓ ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ। ଗ୍ରାମରେ ଥିବା ମେଡିକାଲ ଟିମ୍ ସହ ଆଲୋଚନା କରିଥିଲେ। ଏହି ସମୟରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଜେଡି ବ୍ଲକ ସଭାପତି ବିଦ୍ୟାଧର ମଲିକ, ଶଙ୍କର ସାହୁ, ଧୋବା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଆଦିବାସୀ ଦିବସ



ଚନ୍ଦ୍ରପୁର, ୯।୮(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମ ପରିସରରେ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଆଦିବାସୀଙ୍କ ଉନ୍ନତି, ସେମାନଙ୍କ ନାର୍ଯ୍ୟ ଅଧିକାର, ପେସା ଆଇନ କାର୍ଯ୍ୟକାରୀ, ଆଦିବାସୀଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ନେଇ ଆଲାଚନା ହୋଇଥିଲା। ଆଦିବାସୀ ନେତା ନାରାୟଣ ପ୍ରତିକାମୁଖ୍ୟ ଅତିଥି, ଧରଣୀ ପ୍ରତିକା, ସବିତା ମୁଣ୍ଡିକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୃମିମୁକ୍ତ ଦିବସ ତାଲିମ

ତେନ୍ତୁଳିଖୁଣ୍ଟି, ୯।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୟାସ୍ଥ୍ୟକେନ୍ଦ୍ରରେ ଦୁଇଟି ପର୍ଯ୍ୟାୟରେ ଜାତୀୟ କୃମିମୁକ୍ତ ଦିବସ ପାଳନ ପାଇଁ ଶିକ୍ଷକ ଅଙ୍ଗନବାଡ଼ି କର୍ମୀଙ୍କୁ ତାଲିମ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ୧୦ରୁ ୧ଟା ଓ ଦ୍ୱିତୀୟ ପର୍ଯ୍ୟାୟ ୨ ଟା ରୁ ଚାରିଟା ପର୍ଯ୍ୟନ୍ତ ତାଲିମ ଦିଆ ଯାଇଛି। ୧ ରୁ ୧୯ ବର୍ଷ ଛାତ୍ରୀଛାତ୍ରଙ୍କୁ କୃମିମୁକ୍ତ ରଖିବା ପାଇଁ ଔଷଧ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଅଁଳାଭଙ୍ଗା, ପାତ୍ରପୁଟ, ଅଞ୍ଚଳଗୁମ୍ମା, କଂଗ୍ରା, କଣ୍ଠାଗାଁ, ଝରିଗୁମ୍ମା, ଦ୍ୱିତୀୟ ପର୍ଯ୍ୟୟରେ ପୂଜାରିଗୁଡା, ତେନ୍ତୁଳିଖୁଣ୍ଟି, ଦିଗି,ମଞ୍ଚାଗାଁ, ଲମତାଗୁଡା ଓ ପି.ବାରଙ୍ଗପଦର ପଞ୍ଚାୟତ ଶିକ୍ଷକ ତଥା ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ ଦିଆ ଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସମଲାଇ ପ୍ରସାଦ ପଣ୍ଡା, ବିପିଓ ରଞ୍ଜନ ମିଶ୍ର, ମହିଳା ସୁପରଭାଇଜର ମାରସେଲା ବାର୍ଲା, ଏବିଇଓ ମୋହନ ମଧୁସୂଦନ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

### ତହସିଲଦାରଙ୍କୁ ଡ୍ରାଇଭର ସଂଘର ଦାବିପତ୍ର

ଡାବୁଗାଁ, ୯।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଓଡିଶା ଡ୍ରାଇଭର ମହାସଂଘ ଡାବୁଗାଁ ଶାଖା ପକ୍ଷରୁ ଏକ ଦାବିପତ୍ର ତହସିଲଦାର ଭବାନୀ ଶଙ୍କର ମିଶ୍ରଙ୍କୁ ସୋମବାର ପ୍ରଦାନ କାରରଯାଇଛି। ଦାବିପତ୍ରରେ ଡ୍ରାଇଭର ମହାସଂଘ ନିମନ୍ତେ ଜାଗା ଚିହ୍ନଟ ଓ ପ୍ରଦାନ ପାଇଁ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଡ୍ରାଇଭର ମହାସଂଘ ଡାବୁଗାଁ ବ୍ଲକ ସଭାପତି ସନ୍ତୋଷ କୁମାର ଭତ୍ରା, ଉପସଭାପତି ଦିଲୀପ ନାୟକ, କୋଷାଧ୍ୟକ୍ଷ ଦିଲୀପ କୁମାର ପାତ୍ର, ସମ୍ପାଦକ ଅମୀର ଅଲ୍ଲୀ ଖାନ, ସମ୍ପାଦକ ବିଶ୍ୱଜିତ ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂଘ ଏକ ଅସ୍ଥାୟୀ ଗୃହରେ ନିଜର କାର୍ଯ୍ୟାଳୟ କରିଛି। ତେଣୁ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ଗୃହ କରିବା ନିମନ୍ତେ ଜାଗା ପାଇଁ ଦାବି ଜଣା ଯାଇଛି।

# ୧୬୫ ଗାଁକୁ ପହଞ୍ଚିପାରୁନି ଆମ୍ବୁଲାନ୍ସ

■ ଖରାପ ରାସ୍ତା ଯୋଗୁ ଗାଁରେ ହୋଇପାରୁନି ବିକାଶ
■ ୭୭ ଗାଁକୁ ରହିଛି ପାଦଚଲା ରାସ୍ତା

ନବରଙ୍ଗପୁର, ୯।୮(ବି.ପ୍ର.)

ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଦୁର୍ବଳତା ଯୋଗୁ ଜିଲାରେ ଏଯାଏ ୧୬୫ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ୭୭ ଗାଁକୁ ପଦାଚଲା ରାସ୍ତା ରହିଛି। ୫୭ ଗାଁରେ ଲୋକ ଚୁଆ ଓ ନଦୀ ନାଳ ପାଣି ବ୍ୟବହାର କରୁଛନ୍ତି। ଅନେକ ଗାଁକୁ ନଦୀ ନାଳ ଉପରେ ସଂଯୋଗୀକାରଣ ନାହିଁ। ଏବେ ଲଗାଣ ବର୍ଷା ଯୋଗୁ ନଦୀ ନାଳ ଜଳସ୍ରୋତ ବଢ଼ିବାରେ ଲାଗିଛି। ଅନ୍ୟ ପକ୍ଷରେ ଜିଲାର ବିଭିନ୍ନ ଗାଁରେ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏଭଳି ସ୍ଥଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ଦଳ ଗାଁରେ ପହଞ୍ଚି ପାରୁନାହାନ୍ତି। ରୋଗୀ ବଞ୍ଚିବା ପାଇଁ କଲବଲ ହେଉଥିବା ବେଳେ ଡାକ୍ତର ସେବା ଦେବାକୁ ମଧ୍ୟ ପ୍ରସ୍ତୁତ କିନ୍ତୁ ରାସ୍ତାଘାଟ ଓ ନାଳ ନଦୀ ଏଥିରେ ବାଧକ ସାଜିଛି। ଏହାର ଏକ ଦୃଶ୍ୟ କିଛି ଦିନ ତଳେ ନବରଙ୍ଗପୁର ଜିଲା ତୁଳସୀପଦର ଗାଁରେ ଦେଖିବାକୁ ମିଳିଛି।

ପାପଡାହାଣ୍ଡି ବ୍ଲକ ତୁଳସୀପଦରରେ ଗତ ସପ୍ତାହ ଧରି ଝାଡାବାନ୍ତି ଲାଗିରହିଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ୨୦ରୁ ଊର୍ଦ୍ଧ୍ୱ ଲୋକେ ଆକ୍ରାନ୍ତ ହୋଇସାରିଛନ୍ତି। ଗାଁର ପ୍ରାୟ ୭ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ବର୍ତ୍ତମାନ ଝାଡାବାନ୍ତି ନିୟନ୍ତ୍ରଣ ରହିଛି। ତୁଳସୀପଦର ଗାଁକୁ ଯିବାକୁ ହେଲେ ୨୬ ନଂ ଜାତୀୟ ରାଜପଥରୁ ପ୍ରାୟ ଦେଢ଼ କିମି କଚ୍ଚା ରାସ୍ତା ଓ ନଦୀ ପାର ହୋଇ ଯିବାକୁ ପଡିଥାଏ। ରବିବାରଠାରୁ ନବରଙ୍ଗପୁର ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ତୁଳସୀପଦର ନଦୀ ଜଳସ୍ରୋତ ପ୍ରଖର ରହିଛି। ରବିବାର ଡାକ୍ତର ଜ୍ୟୋସ୍ନାରାଣୀ ଦାସ, ବିଭୂତି ଭୂଷଣ ନାୟକ, ଇତିଶ୍ରୀ ପଲାଇ ଓ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ମେଡିକାଲ ଟିମ୍ ତୁଳସୀପଦର ଗାଁ ନିକଟ ନାଦୀ ପାଖରେ ଅଟକି ରହିଲେ। ତୁଳସୀପଦର ନଦୀରେ ପାଣି ଅଧିକ ଥିବାରୁ ପ୍ରାୟ ଅଧ କି.ମି. ଦୂରରେ ରହିଥିଲେ। ଅସୁବିଧା ହେଲେ ଅଙ୍ଗନୱାଡି ଦିଦିଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ଡାକବାଜି ଯନ୍ତ୍ରରେ ଗାଁ ଲୋକଙ୍କୁ ସଚେତନ କରିଥିଲେ। ଫଳିଥିନରେ ବାନ୍ଧି ନଦୀ ଆରପଟକୁ ଫୋପାଡି ଥିବା ଔଷଧକୁ ଗ୍ରାମବାସୀଙ୍କ ସହ ଅଙ୍ଗନୱାଡି କର୍ମୀ ଆସି ସଂଗ୍ରହ କରି ନେଇଥିଲେ। ତେବେ ପ୍ରଶାସନ ନିକଟରେ ଗୁହାରି କରିଲେ ମଧ୍ୟ ନଦୀରେ ପୋଲ କିମ୍ୱା ପକ୍କା ରାସ୍ତା ହୋଇପାରୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ୨୦୧୦ରେ ତୁଳସୀପଦର ଗାଁରେ ଝାଡ଼ାବାନ୍ତି ବ୍ୟାପୀ ୨୬ ଜଣ ଆକ୍ରାନ୍ତ ହୋଇଥିଲେ। ଗାଁକୁ ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା ନଥିବା ଧରିତ୍ରୀରେ ପ୍ରଥମ ଥର ପ୍ରକାଶ ପାଇଥିଲା। ସେହି ସମୟରେ ତତ୍କାଳୀନ ଜିଲାପାଳ ଶିବବ୍ରତ ଦାଶ ତତ୍ପର ହୋଇ ଗାଁ ଭିତରର ସିଣ୍ଟେକ୍ସ ଯୋଗେ ପାଣି ପହଞ୍ଚାଇବା ସହ ଏକ ନଳକୂପ ଖନନ କରିଥିଲେ । ଗାଁ ଭିତରେ କଂକ୍ରିଟ ରାସ୍ତା କରାଇଥିଲେ। ତୁଳସୀ ପଦର ଗାଁ ଜଙ୍ଗଲ ଜମିରେ ରହିଥିବାରୁ ଏଯାଏ ନଦୀ ଉପରେ ପୋଲ ନିର୍ମାଣ ହୋଇପାରିନାହିଁ। ଗାଁ ଲୋକ ବର୍ଷା ଦିନେ ଏକ ପ୍ରକାର ଜଳବନ୍ଦୀ ହୋଇ ରହିଯାଆନ୍ତି। ଘରେ ଯାହା ଗଚ୍ଛିତ ଖାଦ୍ୟ ଶସ୍ୟ ରହେ ତାହାକୁ ଖାଇଥାନ୍ତି। ଏତେ ବର୍ଷ ପରେ ମଧ୍ୟ ତୁଳସୀପଦରବାସୀଙ୍କ ଅବସ୍ଥା ସୁଧୁରି ନାହିଁ। ଏବେବି ଗାଁକୁ ଭଲ ରାସ୍ତା ଖଣ୍ଡେ ନାହିଁ। ଏ ଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଜିଲା ଜଜ୍‌ଙ୍କ ପଦ୍ମପୁର ଗସ୍ତ

ପଦ୍ମପୁର, ୯।୮(ଡି.ଏନ୍.ଏ.)



ରାୟଗଡ଼ା ଜିଲା ମାଜିଷ୍ଟ୍ରେଟ ବିକ୍ରମ କେଶରୀ ପଟ୍ଟନାୟକ ମଙ୍ଗଳବାର ପଦ୍ମପୁର ଗସ୍ତ କରିଛନ୍ତି। ପଦ୍ମପୁରରେ ବହୁ ପ୍ରତିକ୍ଷିତ ଜୁଡିସିଆଲ୍ ମାଜିଷ୍ଟ୍ରେଟ କୋର୍ଟ (ଜେଏମ୍‌ଏଫ୍‌ସି) ଖୋଲିବାକୁ ପହଞ୍ଚି ପଦ୍ମପୁର ବିଧାନ କୋଲନିଠାରେ ଥିବା ପୁରୁଣା ମରାମତି କରାଯାଇ ଥିବା ତହସିଲ କାର୍ଯ୍ୟାଳୟ ରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଜିଲା ମାଜିଷ୍ଟ୍ରେଟ ବିକ୍ରମ କେଶରୀ ପଟ୍ଟନାୟକ ଓ ଜିଲା ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ଦେବୀ ଜ୍ୟୋତି ମହାପାତ୍ର ପ୍ରମୁଖ ପଦ୍ମପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପଦ୍ମପୁର ବିଡିଓ ରୀନା ପ୍ରଧାନ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ଆଇନଜୀବୀ ସରୋଜ ପାଣିଗ୍ରାହୀ ଓ ରମେଶ ଲିମା, ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ତାଙ୍କୁ ସ୍ୱାଗତ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ କୋଟ ସ୍ଥାପନା ପାଇଁ ଯାହା ସବୁ ଆସବାବ ଓ ଯନ୍ତ୍ରପାତି ଆବଶ୍ୟକ ସେ ଉପରେ ଆଲୋଚନା ହୋଇଥିଲା। ପଦ୍ମପୁର ବଡନାଳ କଲୋନୀ ରେ ମରାମତି କରାଯାଇ ଥିବା ଅବ୍ୟାହୃତପୁରୁଣା ତହସିଲ କାର୍ଯ୍ୟାଳୟ ବୁଲି ଦେଖିବା ସହ ଖୁବ୍ ଶୀଘ୍ର ସେଠାରେ କୋର୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୂଆ କୋର୍ଟ ପାଇଁ ପଦ୍ମପୁର ଦମକଳ କେନ୍ଦ୍ର ନିକଟରେ ଥିବା ୩ ଏକର ୭ ଡେସିମିଲ ଜାଗା ଚିହ୍ନଟ କରିଥିଲେ। ଏହି ସମୟରେ ପଦ୍ମପୁର ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ, କୈଳାସ କ୍ରସ୍କା, ଆଇନଜୀବୀ ଦିଲ୍ଲିପ ମହାପାତ୍ର, ପଦ୍ମପୁର ବ୍ଲକ, ଥାନା ଓ ତହସିଲ ର କମଚାରୀ ଉପସ୍ଥିତ ଥିଲେ।

# ଆଦିବାସୀ ପରମ୍ପରା, ସଂସ୍କୃତି ବଜାୟ ରଖିବାକୁ ଆହ୍ୱାନ



ନବରଙ୍ଗପୁର ଜିଲା ପାପଡାହାଣ୍ଡିସ୍ଥିତ ଶହୀଦ ମିନାରରେ ଉପସ୍ଥିତ ଲୋକେ।





ଗୁଣପୁରଠାରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ପାପଡାହାଣ୍ଡି/ଗୁଣପୁର, ୯।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଶହୀଦ ମିନାର ପରିସରରେ ବହୁ ଆଦିବାସୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶହୀଦ ମିନାରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇବା ସହ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଲୋକେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଡାକ ବଙ୍ଗଳାରେ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଗୋପୀନାଥ ମାଝିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ରାଜ୍ୟସଭା ଏମପି ଭଗବାନ ମାଝି, ମଞ୍ଜୁଳା ମାଝି ସହ ବହୁ ଅତିଥି ଯୋଗ ଦେଇଥିଲେ। ବୈଠକରେ ଆଦିବାସୀଙ୍କ ଲୁପ୍ତ ହେଉଥିବା ପରମ୍ପରା ଓ ସଂସ୍କୃତି ବିଷୟରେ ଆଲୋଚନା ହୋଇଥିଲା। ଏହି ସଂସ୍କୃତି ସମସ୍ତେ ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ସମସ୍ତେ ପରମ୍ପରା ଓ ସଂସ୍କୃତିକୁ ଆଗେଇ ନେବାକୁ ପରାମର୍ଶ ଦିଆଯାଇଛି।

ରାୟଗଡା ଜିଲା ଗୁଣପୁରରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ପାରମ୍ପାରିକ ବେଶରେ ସଜ୍ଜିତ ହୋଇ ଆଦିବାସୀମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନୂତନ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ସେମାନେ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଗୁଣପୁର ଉପଜିଲାପାଳଙ୍କ ଜରିଆରେ ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରିଙ୍କୁ ଦେଇଥିଲେ। ବିଶ୍ୱ ଆଦିବାସୀ ଦିବସ ଦିନକୁ ଛୁଟି ଘୋଷଣା କରିବାସହ ଆଦିବାସୀମାନଙ୍କ ସ୍ୱତନ୍ତ୍ର ଧର୍ମର ମାନ୍ୟତା ଏପରି ୧୧ ଦଫା ଦାବି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା କେନ୍ଦ୍ରୀୟ କମିଟି ସଭ୍ୟ ତ୍ରିପତୀ ଗମାଙ୍ଗଙ୍କ ସମେତ ଅନାସିମ ଶବର, ରାଇନା ଶବର, ବୃନ୍ଦାବନ ବିଡିକା, ସମ୍ବରା ଶବର, ଦାନିଏ ଶବର, ଗଣେଶ ଶବର, ସୁମନ ଶବର ଏବଂ ପଇତ ଶବର ପ୍ରମୁଖଙ୍କ ଉପସ୍ଥିତ ଥିଲେ।

ସେହିଭଳି ଶବର ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଚକ୍ରପାଣି ଶବର, ସମ୍ପାଦକ ବଳରାମ ଶବର, ଉପଦେଷ୍ଟା ରୋହିଦାସ ଶବର, ଆରସିଂ ଶବର, ସହସମ୍ପାଦକ ବିଦ୍ୟାଧର ଶବର, ସଭ୍ୟ ଫାଲଗୁନି ଶବର, କୋଷାଧ୍ୟକ୍ଷ କାର୍ତ୍ତିକଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବେସରକାରୀ ସଂସ୍ଥାରେ ଆଦିବାସୀଙ୍କୁ ସଂରକ୍ଷଣ, ଆଦିବାସୀ କ୍ଷୁଦ୍ର ଚାଷୀଙ୍କୁ ବିନାସୁଧରେ ଋଣ, ସୌରା ଭାଷା ଏବଂ ଲିପିକୁ ସାମ୍ବିଧାନିକ ମାନ୍ୟତା ଦେବାକୁ ଦାବି ହୋଇଛି।

# ପୂର୍ବ ଶତ୍ରୁତାକୁ ନେଇ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

**ଦୁଇ ଗୁରୁତର କୋରାପୁଟ ଡାକ୍ତରଖାନାରେ ଭର୍ତ୍ତି**

ନବରଙ୍ଗପୁର, ୯।୮(ବି.ପ୍ର.)

ଜମିଜମାକୁ କେନ୍ଦ୍ରକରି ଲାଗିରହିଥିବା ବିବାଦ ଯୋଗୁ ୨ଜଣଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଏଥିସହ ସେମାନଙ୍କ ଛାତିରେ ଛୁରାମାଡ଼ ମଧ୍ୟ କରାଯାଇଛି। ମଙ୍ଗଳବାର କୋଡ଼ିଙ୍ଗା ଥାନା ଅଞ୍ଚଳ ବରମାସି ଗାଁରେ ଏପରି ଘଟିଛି। ଘଟଣାରେ ଗୁରୁତର ୨ ଯୁବକଙ୍କୁ ପ୍ରଥମେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

ନବରଙ୍ଗପୁର ବ୍ଲକ ବରମାସି ଗାଁର ଉମ୍ବରୁଧର ପୂଜାରୀ ଓ ପଦଲମ ପୂଜାରୀ ଜମିରେ ବିହ୍ନ ଲଗାଇଥିବାରୁ ଜମିକୁ ଯାଇଥିଲେ। ସେହି ସମୟରେ ଗାଁର ୫ଜଣ ଯୁବକ ଟ୍ରାକ୍ଟର ନେଇ ସେଠାରେ ପହଞ୍ଚି ଥିଲେ। ଆମ ଜମିରେ ଟ୍ରାକ୍ଟର କାହିଁକି ପଶାଉଚ ପଚାରିବାରୁ ଅନ୍ୟ ଯୁବକମାନେ ଉମ୍ବରୁଧର ଓ ପଦଲମଙ୍କ ଉପରକୁ ଗାଡି ଚଢ଼ାଇ ଦେଇଥିଲେ ବୋଲି ସେମାନଙ୍କ ସମ୍ପର୍କୀୟ ଭାଇ ଭରତ ପୂଜାରୀ କହିଛନ୍ତି। ପଦଲମଙ୍କର ଦୁଇଟି ଗୋଡ଼ କଟିଯାଇଛି। ଉମ୍ବରୁଧରଙ୍କ ଛାତିକୁ ଛୁରା ମାଡ଼ ହୋଇଛି। ଏହା ଦେଖି ଜମିରେ କାମ କରୁଥିବା ମହିଳାମାନେ ଘଟଣା ସମ୍ପର୍କରେ ଗାଁ ଲୋକଙ୍କୁ ଜଣାଇବା ପରେ ସେମାନଙ୍କ ସହାୟତାରେ ଏକ ଗାଡିକରି ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

# ବିପଦସଙ୍କୁଳଭାବେ ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ନଦୀ ପାର

ଟିକିରି, ୯।୮(ଡି.ଏନ୍.ଏ.)



ଅସୁସ୍ଥ ଯମୁନାଙ୍କୁ ନଦୀ ପାର କରି ନିଆଯାଉଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଶିଶୁପାସ୍ ଗ୍ରାମର ଅସୁସ୍ଥ ଯମୁନା ସାହୁଙ୍କୁ ଆମ୍ବୁଲାନ୍ସ କର୍ମଚାରୀ, ଆଶା, ଏଏନ୍‌ଏମ୍ ଓ ପରିବାର ଲୋକେ ଷ୍ଟ୍ରେଚରରେ ବୋହି ଭରା ନଦୀ ପାର ହୋଇ ଡଙ୍ଗାସିଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ଏବେ ତାଙ୍କ ଚିକିତ୍ସା ଚାଲିଛି।

ଯମୁନା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ଗାଁକୁ ଯିବାକୁ ହେଲେ ନଈ ପାର ହେବାକୁ ହୁଏ। ଏବେ ଲଗାଣ ବର୍ଷା ଯୋଗୁ ଉକ୍ତ ନଦୀରେ ପାଣି ଅଧିକ ରହିଛି। ଆମ୍ବୁଲାନ୍ସ ନଈ ଆରପାରିରେ ରହିଥିଲା। ଏହାପରେ ଡଙ୍ଗରସିଲ ସ୍ୱାସ୍ଥ୍ୟକର୍ମୀ, ଆଶା, ଆମ୍ବୁଲାନ୍ସ ଡାଇଭର ଶିବାଜୀ ବିଷୋୟୀ ଚାଲି ଚାଲି ଯାଇ ନଦୀ ପାର ହୋଇ ଗାଁକୁ ଯାଇଥିଲେ। ତୁରନ୍ତ ଷ୍ଟ୍ରେଚର ସାହାଯ୍ୟରେ ପରିବାର ଲୋକଙ୍କ ସହ ମିଶି ତାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ କାନ୍ଧେଇ ଆଣିଥିଲେ। ଲହି ସମୟରେ ଏଏନ୍‌ଏମ୍‌ଙ୍କ ଗୋଡ଼ ଖସିଯାଇଥିଲା। ଗ୍ରାମବାସୀ ତାଙ୍କୁ ଧରି ପକାଇବାରୁ ଏକ ବଡ଼ ବିପଦ ଟଳି ଯାଇଥିଲା।

## ସ୍ତ୍ରୀଙ୍କ ଗଳା କାଟିଲେ ସ୍ୱାମୀ

ଉମରକୋଟ, ୯।୮(ସ୍ୱ.ପ୍ର.)

ଉମରକୋଟ ସହର କୁସୁମଗୁଡା ସାହିରେ ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କ ବେକ କାଟି ହତ୍ୟା ଉଦ୍ୟମ କରିଛନ୍ତି ସ୍ୱାମୀ। କୁସୁମଗୁଡା ସାହିର ମଞ୍ଜୁ ହରିଜନ (୩୦) ଓ ସ୍ୱାମୀ ସରୋଜ ବାଗ (୩୫) ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ସରୋଜ ରାଗିଯାଇ ମଞ୍ଜୁଙ୍କ ବେକକୁ ଏକ ଛୁରୀରେ କାଟି ଦେଇଥିଲେ। ପରିବାର ଲୋକେ ଏହା ଦେଖି ମଞ୍ଜୁଙ୍କୁ ସଙ୍ଗେ ସଙ୍ଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମଞ୍ଜୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସେ ବିପଦ ମୁକ୍ତ ଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନି।

# ଜିଲାପାଳଙ୍କ ଅଫିସ ଘେରିଲା ଆଦିବାସୀ ସଂଘର୍ଷ ମୋର୍ଚ୍ଚା

ରାୟଗଡ଼ା ଅଫିସ, ୯।୮(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକକୁ ହଇଜା ମୁକ୍ତ କରିବାକୁ ଆଦବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ଏଡିଏମ୍ ସୋମନାଥ ପ୍ରଧାନଙ୍କୁ ସଂଘ ପକ୍ଷରୁ୬ ଦଫା ଦାବିନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାୟଗଡା ଷ୍ଟେସନରୁ ଏକ ପଦଯାତ୍ରା ବାହରିଥିଲା। ପୋଲିସ ଅଟକାଇବାରୁ ଧସ୍ତାଧସ୍ତି ହେଇଥିଲା। ଏହି ପଦଯାତ୍ରା ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିବା ପରେ ସେଠାରେ ଗଣ ପ୍ରତିବାଦ କରାଯାଇଥିଲା। ଭିବ୍ରିଓ କଲେରା, ଟାଡ଼ାବାନ୍ତିରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଓ ଆକ୍ରାନ୍ତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ, 'ମହାମାରୀ ମୁକ୍ତ' କାଗଜରେ ନରଖି କାର୍ଯ୍ୟକାରୀ କରନ୍ତୁ, ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନର ସହ ରୋଜଗାର ଦେବା ବ୍ୟବସ୍ଥା, ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ, ନାଳ ନର୍ଦ୍ଦମା ନିୟମିତ ସଫେଇ, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି, ଶିକ୍ଷାଳୟ, ଶିକ୍ଷା ବ୍ୟବସ୍ଥାର ଉନ୍ନତି, ଶୌଚାଳୟ ଦାବି ହୋଇଛି। ନଳକୂପରେ ଲଗାଯାଉଥିବା କେସିଙ୍ଗ ପାଇପର ଗଭୀରତା ଆଦି ଯାଞ୍ଚ ପାଇଁ ଭୂତତ୍ତ୍ୱବିତ୍ କିମ୍ବା ପରିବେଶ ବିଜ୍ଞାନୀଙ୍କ ଏକ ଟିମ୍ ଅନୁସନ୍ଧାନ କରନ୍ତୁ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ରିପୋର୍ଟ ପ୍ରଦାନ କରନ୍ତୁ ବୋଲି ଦାବି ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଡାଲି, ଚିନି, ମାଣ୍ଡିଆ ଭଳି ଅତ୍ୟାବଶ୍ୟକ ସାମଗ୍ରୀକୁ ସାମିଲ କରିବାକୁ ଦାବି ହୋଇଛି। କାସୀପୁରରେ ଡାକ୍ତର ନିଯୁକ୍ତି ଦାବି ହୋଇଛି। ମାସକ ଭିତରେ ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହିଆନ୍ଦୋଳନର ନେତୃତ୍ୱ ଆଗରୁ ନାଗରାଜୁ, ରାୟଗଡା ଯୁବ ନେତା ଭେଙ୍କଟେଶ, ଭାକପା ମାଲେ ଓଡିଶା କମିଟି ସଦସ୍ୟ ରାମଚନ୍ଦ୍ର ପାସ୍କା, ଭକପା ମାଲେର ମୂର୍ତି ମିନିଆକା, ଦିଲୀପ କୁମାର ସିଂହ, କଣ୍ଡା ବାବୁ ନାଇଡୁ, ମେଦରୀ ଗରଡ଼ିଆ, ବାସନ୍ତୀ ରାଉତ ନେଇଥିଲେ।



ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# ଉଦ୍‌ଘାଟନର ୭ମାସରେ ଦବିଲାଣି ପୋଲ

**ସେତୁ ଦେଇ ଯାତାୟାତ କରିବାକୁ ଡରୁଛନ୍ତି ଗ୍ରାମବାସୀ**

ଝରିଗାଁ, ୯।୮(ସ୍ୱ.ପ୍ର.)



ଦୁର୍ଗମ ଅଞ୍ଚଳର ବିକାଶକୁ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଉଥିବା ବେଳେ ଉପାନ୍ତ ଯୋଜନାକୁ ନେଇ ଅଞ୍ଚଳବାସୀଙ୍କ ମୁହଁରେ ହସ ଫୁଟିଥିଲା। କାର୍ଯ୍ୟଟିକୁ ତଦାରଖ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କିଛି ଅଧିକାରୀମାନଙ୍କ ବେପରୁଆ ମନୋଭାବ ଏବଂ ଉନ୍ନୟନ କାମ କରୁଥିବା ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଯୋଜନାର କାର୍ଯ୍ୟକାରିତାକୁ ନେଇ ସଂପୃକ୍ତ ଅଞ୍ଚଳର ଲୋକମାନେ ଭୟଭିତ ରହିଥିବା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କୁଟିଚ୍ଛାପର ପଞ୍ଚାୟତ ଦିପୁଭଟ୍ଟା ଗ୍ରାମରେ ଦେଖିବାକୁ ମିଳିଛି। ଉଦ୍‌ଘାଟନର ମାତ୍ର ୭ମାସ ପରେ ଏକ ବ୍ରିଜ୍‌ର ଦୁଇପାର୍ଶ୍ୱ ଦବି ଯାଇଛି। ଏହି ବ୍ରିଜ୍ ଉପରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି ଗ୍ରାମବାସୀ।

ଗାଁକୁ ଭଲ ରାସ୍ତା ନ ଥିବାବେଳେ ପ୍ରାୟ ୩ ବର୍ଷ ପୂର୍ବେ ଦିପୁଭଟ୍ଟା ଗ୍ରାମର ଜଣେ ଗର୍ଭବତୀଙ୍କୁ ପ୍ରସବ କାଳୀନ ଯନ୍ତ୍ରଣା ହେବାରୁ ମେଡିକାଲ ନେବାକୁ ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ପ୍ରାୟ ୩କି.ମି ଦୂରରେ ରହିଥିବା ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଏହାପରେ ତତ୍କାଳୀନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ଚେଷ୍ଟାରେ ଦିପୁଭଟ୍ଟା ଗ୍ରାମକୁ ଉପାନ୍ତ ଯୋଜନାରେ ସାମିଲ୍ କରାଇବାରେ ସହାୟକ ହୋଇଥିଲେ। ଉପାନ୍ତ ଯୋଜନା ଅଧୀନ ଟିକିଲିଠାରୁ ଦିପୁଭଟ୍ଟା ରାସ୍ତାରେ ବଞ୍ଜାରୀ ନଦୀରେ ସେତୁ ନିର୍ମାଣ ନେଇ ୨୦୨୦ ଫେବୃୟାରୀ ୧୬ରେ ତତ୍କାଳୀନ ହସ୍ତତନ୍ତ ,ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଭିତ୍ତିପ୍ରସ୍ତର ପକାଇଥିଲେ। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ତଦାରଖ ସହାୟତାରେ ୧ କୋଟି ୯୨ଲକ୍ଷ ୨୬ ହଜାର ୧ଶହ ୬୭ ଟଙ୍କା ଅଟକଳ ମୂଲ୍ୟରେ ସେତୁକାର୍ଯ୍ୟ ହୋଇଥିଲା। ସେତୁଟିର ଦୈର୍ଘ୍ୟ ୫୪.୪୮ ମିଟର ଏବଂ ପ୍ରସ୍ଥ ୭.୫୦ ମିଟର ରହିଅଛି। କାର୍ଯ୍ୟ ଶେଷ ହେବାପରେ ଚଳିତ ବର୍ଷ ଜାନୁୟାରୀ ୪ ତାରିଖରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏହାର ଉଦ୍‌ଘାଟନ କରିଥିଲେ। ବିଭାଗରେ ବହୁ ଦକ୍ଷ ଏବଂ କୁଶଳି ଯନ୍ତ୍ରୀଙ୍କ ସହ ନୂତନ ଟେକ୍‌ନୋଲୋଜିରେ ଉନ୍ନୟନମୂଳକ କାର୍ଯ୍ୟ କରିବାର ମାର୍ଗ ରହିଥିଲେ ସୁଦ୍ଧା ଉଦ୍‌ଘାଟନର ୭ ମାସ ପରେ ସେତୁଟିର ଦୁଇ ପାର୍ଶ୍ୱରେ ମାଟି ଧସି ଯାଇ ଖାଲ ହେବାରେ ଲାଗିଲାଣି। ଏଥିପାଇଁ ବିଭାଗର ଅପାରଗତା କହିବା କିଛି ଭୁଲ ହେବ ନାହିଁ। ଏ ନେଇଁ ଦିପୁଭଟ୍ଟା ଗ୍ରାମବାସୀଙ୍କ ସହ ଆଲୋଚନା କରିବାରୁ ଗାଁକୁ ରାସ୍ତାଘାଟ ନଥିଲା । ସରକାର ରାସ୍ତା କଲା ଆମେ ବହୁତ ଖୁସି ହେଲୁ ।ଏବେ ଆମେ ସେହି ରାସ୍ତାରେ ଯିବା ଆସିବା ବେଳେ ବହୁତ ଭୟ କରୁଛୁ ବୋଲି ଗ୍ରାମର ନକୁଳ ସାନ୍ତା, କେଡି ସାନ୍ତା, ସବନା ସାନ୍ତା, ରାମ ସାନ୍ତା, ଅମି ସାନ୍ତା, କୃଷ୍ଣ ସାନ୍ତା, ସାବିତ୍ରୀ ସାନ୍ତା, ଗୋବରା ସାନ୍ତା, ମରା ସାନ୍ତା ପ୍ରମୁଖ ବହୁତ କ୍ଷୋଭର ସହ କହିଛନ୍ତି। ଗ୍ରାମରେ ରହିଛି ଦୁଇଟି ପଡା ୪୫ ପରିବାର ବସବାସ କରି ଜଙ୍ଗଲ ଜମିରେ ମକା, ଧାନ ଚାଷ କରି ଚଳିଆସୁଛନ୍ତି। ଗାଁରେ ଆବଶ୍ୟକ ଅନୁଯାଇ ନଳକୂପ ନାହିଁ। ଯାହା ଫଳରେ ସମୟ ସମୟରେ ପାନୀୟ ଜଳର ସଙ୍କଟ ଦେଖାଦେଉଛି। ବ୍ଲକ ସଦର ମହକୁମାଠାରୁ ମାତ୍ର ୮ କି.ମି ଦୂରରେ ରହିଥିବା ଏହି ଗାଁକୁ ବିଜୁଳି ଆଲୋକ ଅପହଞ୍ଚ। ଗାଁରେ ରହିଥିବା ସମସ୍ୟାର ସମାଧାନ ନେଇ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି।

# କାଙ୍ଗୁରକୋଣ୍ଡା ପୋଲ ଉପରେ ୩ ଫୁଟର ପାଣି

ମାଲକାନଗିରି,୯।୮ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗତ ତିନିଦିନ ଧରି ଲଗାଣ ଲଘୁଚାପ ବର୍ଷା ଯୋଗୁ ଜିଲାର ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ଜିଲାର ତଳି ଅଞ୍ଚଳରେ ଥିବା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଅନେକ ସ୍ଥାନରେ ରାସ୍ତା ଉପରକୁ ପାଣି ଆସି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ବର୍ଷା ପ୍ରଭାବରେ ରବିବାରଠାରୁ ଛତିଶଗଡର ଝାପରାଠାରେ ନଦୀର ଜଳସ୍ତର ବୃଦ୍ଧିପାଇପୋଲ ଉପରେ ପ୍ରାୟ ୫ରୁ୬ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇ ମାଲକାନଗିରି – ସୁକମା ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି। ଏଥିଯୋଗୁ ଉଭୟ ପାର୍ଶ୍ୱରେ ଅନେକ ଗାଡିମୋଟର ଅଟକି ରହିବା ସହ ଲୋକମାନେ ଅଟକି ରହିଥିବା ଜଣାପଡିଛି। ମାଲକାନଗିରିରୁ କାଲିମେଲାକୁ ସଂଯୋଗ କରୁଥିବା ମୁଖ୍ୟ ସଡକର କାଙ୍ଗୁରକୋଣ୍ଡା ପୋଲ ଉପରେ ପ୍ରାୟ ୩ ଫୁଟର ଜଳ ପ୍ରବାହିତ ହେବାରୁ ମାଲକାନଗିରି-କାଲିମେଲା ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଜିଲାର ମୋଟୁ ତହସିଲଠାରୁ ଆନ୍ଧ୍ରକୁ ସଂଯୋଗ କରୁଥିବା ମୁଖ୍ୟ ସଡକର କୁଇଗୁରୁ ପୋଲ ଉପରେ ପାଣି ପ୍ରବାହିତ ହୋଇଛି। ବିପଦସଙ୍କୁଳ ଅବସ୍ଥାରେ ଗାଡି ମୋଟରଗୁଡିକ ଯାତାୟାତ କରୁଛି। ଅନ୍ୟପକ୍ଷରେ ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ପାଙ୍ଗମଠାରେ ଥିବା ନଦୀରେ ମଧ୍ୟ ଜଳସ୍ତର ବୃଦ୍ଧିପାଇ ପୋଲକୁ ଜଳ ଛୁଇଁଛି। ମାଥିଲି ବ୍ଲକ ଅନ୍ତର୍ଗତ ଗାଙ୍ଗରାଜଗୁମ୍ମା ଗ୍ରାମ ନିକଟରେ ଥିବା ନଦୀରେ ପ୍ରବଳ ଜଳ ପ୍ରବାହିତ ହେବାରୁ ଗ୍ରାମରେ ବନ୍ୟା ସ୍ଥିତି ଉପୁଜିଛି। ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାରେ ଏପରି ଲଗାଣ ବର୍ଷା ପ୍ରଭାବରେ କାଲିମେଲା ବ୍ଲକର ମାଳିଗୁଡା ଗ୍ରାମରେ ଏକ କଚ୍ଚା ଘର ଭାଙ୍ଗି ଯାଇଛି। ସମ୍ପୃକ୍ତ ଘରର ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉକ୍ତ ଅଞ୍ଚଳରେ କେତେକ ଘର ମଧ୍ୟରେ ବର୍ଷା ଜଳ ପଶିଥିବା ଜଣାପଡିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ଜିଲାରେ ମୋଟ ୨୨୪.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକରେ ସର୍ବାଧିକ ୧୦୯.୦୦ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ବ୍ଲକରେ ୧୨.୪, ମାଥିଲି ବ୍ଲକରେ ୨୩.୦, ଖଇରପୁଟ ବ୍ଲକରେ ୧୪.୦୦, କୋରୁକୋଣ୍ଡା ବ୍ଲକରେ ୩୩.୦୦, କାଲିମେଲା ବ୍ଲକରେ ୧୫.୦୦ ଓ ପଡିଆ ବ୍ଲକରେ ୧୮.୦୨ ମିମି ବର୍ଷା ରେକର୍ଡ କରାଯାଇଛି। ଆଗକୁ ଆହୁରି ଅଧିକ ବର୍ଷା ହେବା ନେଇ ଆଶଙ୍କା ଥିବାରୁ ଜିଲା ପ୍ରଶାସନ ଏନେଇ ସଜାଗ ରହିଛି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ମାଲକାନଗିରି ଜିଲାରେ ଏଭଳି ଲଗାଣ ବର୍ଷା ଯୋଗୁ ଜିଲାର ମୋଟୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଥିଲା।


ଏମ୍ ଭି–୭୦ ରାସ୍ତାରେ ଜମା ହୋଇଥିବା ବର୍ଷା ଜଳ ।

**ଆଲଗାଣ ବର୍ଷାରେ ମାଲକାନଗିରି ବେହାଲ**

- ମାଲକାନଗିରି-କାଲିମେଲା ଯୋଗାଯୋଗ ବିଚ୍ଛିନ୍ନ
- ମାଲକାନଗିରି - ସୁକମା ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ
- ଗାଙ୍ଗରାଜଗୁମ୍ମା ଗ୍ରାମରେ ନଦୀଜଳ ସୃଷ୍ଟି କରିଛି ବନ୍ୟାସ୍ଥିତି

# ଲଗାଣ ବର୍ଷାରେ ଭାଙ୍ଗିଲା ବରଗଛ, ୮ଘଣ୍ଟା ରାସ୍ତା ଜାମ


ଅଗ୍ନିଶମ ବାହିନୀ ରାସ୍ତାରେ ପଡିଥିବା ଗଛ କାଟି ସଫା କରୁଛନ୍ତି ।

ମୁନିଗୁଡ଼ା, ୯।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ମୁନିଗୁଡା–ବାଲିଗୁଡା ରାସ୍ତାର ହୁକୁମାତୋଳା ଛକରୁ ଶହେ ମିଟର ଆଗକୁ ଏକ ବିଶାଳ ବରଗଛ ଲଗାଣ ବର୍ଷାରେ ଉପୁଡି ପଡିବା ଯୋଗୁ ଯାତାୟାତ ଦୀର୍ଘ ସମୟ ଠପ ହୋଇଯାଇଥିଲା। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ମଧ୍ୟ ଛିଡ଼ା ହୋଇ ରହିଥିଲା। ସୂଚନା ଅନୁଯାୟୀ ବଙ୍ଗୋପସାଗରରେ ଘନୀଭୂତ ଲଘୁଚାପ ଅବପାତ ପରେ ମୁନିଗୁଡ଼ାରେ ଦୁଇଦିନ ଧରି ବର୍ଷା ଲାଗି ରହିଛି। ବେଳକୁ ବେଳ ବର୍ଷା ବଢିବା ସହିତ ଏହାର ପ୍ରକୋପ ଜନ ଜୀବନ ଉପରେ ପ୍ରଭାବ ପକାଉଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଭୟଙ୍କର ବର୍ଷାରେ ହୁକୁମତୋଳା ବାଲିଗୁଡା ରାସ୍ତାର ବାମ ପଟରେ ଥିବା ଶହେବର୍ଷରୁ ଊର୍ଦ୍ଧ୍ୱ ବିଶାଳ ବରଗଛଟି ରାସ୍ତା ଉପରେ ଉପୁଡି ପଡିଥିଲା। ଫଳରେ ଏହି ରାସ୍ତା ୮ଘଣ୍ଟା ଧରି ବନ୍ଦ ହୋଇ ଯାଇଥିଲା।


ନବରଙ୍ଗପୁର ଜିଲା ଉକିଆପାଲି ପଞ୍ଚାୟତ ଘାଟବାସୁଲି ଗାଁରେ ପାଣି ପଶିଯାଇଥିବାରୁ ପିଲାମାନେ ଡଙ୍ଗାରେ ଯାଉଛନ୍ତି ।

# ତଳ ମୁଣ୍ଡରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି

କୋଷାଗୁମୁଡ଼ା, ୯।୮ (ଡି.ଏନ୍.ଏ.)

- ୭୦ ବରିଷ୍ଠ ନାଗରିକଙ୍କୁ ବରଗାଁ ହାଇସ୍କୁଲକୁ ସ୍ଥାନାନ୍ତର
- ବନ୍ୟା ପ୍ରଭାବିତ ଅଞ୍ଚଳରେ ଦିଆଯାଉଛି ଶୁଖିଲା ଖାଦ୍ୟ

ଲଘୁଚାପ ପ୍ରଭାବରେ ୪ଦିନ ହେବ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ଲଗାଣ ବର୍ଷା ଜାରି ରହିଛି। କୋଷାଗୁମୁଡ଼ା ବ୍ଲକରେ ପ୍ରବାହିତ ହେଉଥିବା ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀ ଜଳସ୍ତର ବିପଦ ସଙ୍କେତ ଛୁଇଁବା ସହ ତଳିଆ ଅଞ୍ଚଳରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ଦେଖାଦେଇଛି। ପ୍ରଶାସନ ୭୦ ଜଣ ବରିଷ୍ଠ ନାଗରିକଙ୍କୁ ବରଗାଁ ହାଇସ୍କୁଲକୁ ସ୍ଥାନାନ୍ତର କରି ରନ୍ଧା ଖାଦ୍ୟ ଯୋଗାଇ ଦେଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ଦିଆଯାଇଛି।

ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ସୋମବାର ରାଜ୍ୟରେ କୋଷାଗୁମୁଡ଼ା ବ୍ଲକରେ ସର୍ବାଧିକ ୧୬୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଫଳରେ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକ ଦେଇ ପ୍ରବାହିତ ହେଉଥିବା ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଏହାସହ ବନ୍ୟା ପାଣି ଗାଁ ମୁଣ୍ଡକୁ ଚାଲିଆସିଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଭୟଭୀତ ଅଛନ୍ତି। ଆଗାମୀ ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏଠାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। କୋଷାଗୁମୁଡ଼ା ବ୍ଲକର ୫ଟି ପଞ୍ଚାୟତର ୧୨ ଖଣ୍ଡ ଗାଁରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀର ଜଳସ୍ତର ବଢିବା ଦ୍ୱାରା ବ୍ଲକର ଉକିଆପାଲି, ବିଞ୍ଜିଲି, ସାନଆମ୍ବଡା,ଚିରମା କେ ସେମଳା ପଞ୍ଚାୟତର ୧୨ଗାଁରେ ବନ୍ୟା ପାଣି। ପ୍ରଶାସନ ପକ୍ଷରୁ ଚୁରାହାଣ୍ଡିର ୩୦ ଓ ଘାଟବାସୁଲି ଗାଁର ୪୦ ଜଣଙ୍କୁ ଆଣି ବରଗାଁ ହାଇସ୍କୁଲରେ ରଖି ରନ୍ଧା ଖାଦ୍ୟ ଦିଆଯାଉଛି। ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀର ସଙ୍ଗମ ସ୍ଥଳ ଉକିଆପାଲି ପଞ୍ଚାୟତର ଗାଁ ସମତଳରେ ରହୁଥିବାରୁ ସେଠାରେ ବନ୍ୟା ଆଶଙ୍କା ସର୍ବାଧିକ ରହିଛି। ୧୧୭ଟି ଘର ଆଂଶିକ ଭାଙ୍ଗିଥିବା ବେଳେ ଏକ ବିଦ୍ୟାଳୟର ପାଚେରି ଭାଙ୍ଗିଯାଇଛି। ମଙ୍ଗଳବାର ବର୍ଷାର ପରିମାଣ କମ ରହିଥିବାରୁ ପାଣି କମିଛି ଓ ବନ୍ୟା ଆଶଙ୍କା କମ ଥିବା ତହସିଲଦାର ସୂଚନା ଦେଇଛନ୍ତି। ଏଥିସହ ବ୍ଲକର ଚୁରାହାଣ୍ଡି, ଘାଟବାସୁଲି, କଣ୍ଟା ସରୁଗୁଡା ତିନୋଟି ଗ୍ରାମରେ ବନ୍ୟା ପରିସ୍ଥିତି ଉପୁଜିଲେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି କୋଡିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ବନ୍ୟା ଅଞ୍ଚଳର ଘାଟ ବାସୁଲୀ, ଘାଟ ଚୁରା,ଓ ବରଗାଁରେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମାନସ କୁମାର ପତି ଓ ତାଙ୍କ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଛନ୍ତି। ପ୍ରକାଶ ଯେ, ପ୍ରତିବର୍ଷ କୋଷାଗୁମୁଡ଼ା ବ୍ଲକରେ ବନ୍ୟା ଆଶଙ୍କା ରହୁଛି। ଏଠାରେ ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳି ପାଇଁ ନଦୀ କୂଳିଆ ଲୋକ ଦାବି କରି ଆସୁଛନ୍ତି। କିନ୍ତୁ ଏହା ପୂରଣ ହେଉ ନ ଥିବାରୁ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।



ଡାକ୍ତରୀ ଟିମ୍ ବନ୍ୟାଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି ।

## ଲଗାଣ ବର୍ଷାରେ କାନ୍ଥ ପଡି ନାବାଳକ ମୃତ

ରାଇଘର, ୯।୮ (ଡି.ଏନ୍.ଏ.)

ଲଗାଣ ବର୍ଷାରେ କାନ୍ଥ ପଡ଼ି ମଙ୍ଗଳବାର ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁରାବେଡା ପଞ୍ଚାୟତ କୁବୁଡାଡିହି ଗ୍ରାମର ୯ ବର୍ଷ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଲୁରାମ ଗଣ୍ଡଙ୍କ ସାନପୁଅ ଅଲେଶ (୯)। ରାଇଘର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ସକାଳୁ କଲୁରାମଙ୍କ ସ୍ତ୍ରୀ ନିଜର ୨ ପୁଅଙ୍କୁ ୧୦ଟଙ୍କା ଦେଇ କୁଲି କାମ କରିବାକୁ ବାହାରି ଯାଇଥିଲେ। ପିଲା ଦୁଇଜଣ ପାଖ ଦୋକାନରୁ ଚକୋଲେଟ୍ କିଣି ଘରକୁ ଯିବାବେଳେ ହଠାତ୍ କାନ୍ଥ ଭାଙ୍ଗି ଅଲେଶଙ୍କ ଉପରେ ପଡି ଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇ, ଏସ୍ଆଇ ମନୋଜ ବେହେରା ଓ ଏଏସ୍ ଆଇ ରବୀନ୍ଦ୍ର ପ୍ରଧାନ, ବଂଶୀ ବିଶୋଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ରାଇଘର ପୋଲିସ ୫୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ୩ ଶିଶୁ


ଅଳ୍ପକେ ରକ୍ଷା ପାଇଯାଇଥିବା ଶିଶୁକୁ ମା’ ଧରିଛନ୍ତି ।

ମାଲକାନଗିରି,୯।୮ (ଡି.ଏନ୍.ଏ.)

ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ମାଲକାନଗିରି ଜିଲାର ବିଭିନ୍ନ ପୋଲ ଉପରେ ଜଳସ୍ତର ବୃଦ୍ଧି ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ମାଲକାନଗିରିରୁ ଆନ୍ଧ୍ର, ତେଲେଙ୍ଗାଣା ଓ ଛତିଶଗଡକୁ ଯୋଗାଯୋଗ ବିଚ୍ଛିନ୍ନ ଏହି ଲଗାଣ ବର୍ଷାରେ ମାଲକାନଗିରି ଜିଲା କାଲିମେଲା ବ୍ଲକ ବେଜାଙ୍ଗିବାଡା ପଞ୍ଚାୟତ ଅନ୍ତର୍ଗତ ମାଳିଗୁଡା ଗ୍ରାମରେ ଏକ କଚ୍ଚା ଘର କାନ୍ଥ ଭୁଶୁଡି ପଡି ଘରଟି ଭାଙ୍ଗି ଯାଇଛି। ତେବେ ସେହି ଘର ଭିତରେ ତିନି ଜଣ ଶିଶୁଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଛି। ଗ୍ରାମର ଲଚ୍ଚୁ ମାଲି ଓ ପାନ ମାଲି ଦୁହେଁ ମଙ୍ଗଳବାର ସକାଳେ ଜମିକୁ ଚାଷ କରିବାକୁ ଯାଇଥିବା ବେଳେ ଘରେ ତାଙ୍କର ତିନି ଶିଶୁଙ୍କୁ ଛାଡି ଯାଇଥିଲେ। ତେବେ ଜମିକୁ ଯିବାର ଅଳ୍ପ ସମୟ ମଧ୍ୟରେ ତାଙ୍କ ଘରର କାନ୍ଥ ଭୁଶୁଡି ପଡି ବାହାର ପାର୍ଶ୍ୱରେ ପଡିଯାଇଥିଲା। ଫଳରେ ଏହି ତିନି ଶିଶୁଙ୍କ ଜୀବନ ରକ୍ଷା ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକେ ତୁରନ୍ତ ଘରକୁ ଫେରି ଆସିଥିଲେ। ଭେଜାଙ୍ଗିବାଡା ସରପଞ୍ଚ ସନ୍ତୋଷ କବାସୀ ଘଟଣା ସ୍ଥଳରେ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରଶାସନ ନିକଟରେ ଦାବି କରିବେ ବୋଲି କହିଛନ୍ତି। ସେହିପରି ମାଲକାନଗିରି ଜିଲ୍ଲାର ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ଜୟରାମଗୁଡାର ଧନେଶ ପାଙ୍ଗିଙ୍କ ଘର କାନ୍ଥ ମଧ୍ୟ ଭୁଶୁଡି ପଡିଥିବା ଜଣାପଡିଛି।

# ଶୁଣିଲାନି ପ୍ରଶାସନ, ରାସ୍ତା ସଫାକଲେ ଗ୍ରାମ ମହିଳା

ଦଶମନ୍ତପୁର, ୯।୮ ( ଡି.ଏନ୍. ଏ.)

ବାରମ୍ବାର ଜଣାଇବା ପରେ ଶୁଣିଲାନି ପ୍ରଶାସନ। ଶେଷରେ କୌଣସି ବିକଳ୍ପ ନ ପାଇ ଗାଁର ୨ କିମି କାଦୁଅ ରାସ୍ତା ସଫା କରିଛନ୍ତି ଗ୍ରାମବାସୀ। ଏହି କାର୍ଯ୍ୟ ପୁଣି କରି ଦେଖାଇଛନ୍ତି ଗ୍ରାମର ମହିଳାମାନେ। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିଲିଗୁମା ପଞ୍ଚାୟତର ଛତାଆମ୍ବ ଗ୍ରାମରେ। ଏହି ଗ୍ରାମରେ ୬୫ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମଠାରୁ ଦୁଇ କିମି ଦୂର ନିତିଦିନିଆ ରାସ୍ତା ନ ଥିବାରୁ ଆମେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛୁ ବୋଲି କହନ୍ତି ଗ୍ରାମର ଜାଇମଣି ମୁଦୁଲି, ଭିଡି ଜାନୀ, ରଙ୍ଗବତୀ ମୁଦୁଲି,ସମ୍ବାରି ଜାନୀ। ସେମାନେ କହିଛନ୍ତି ଯେ, ଜରୁରୀ ପରିସ୍ଥିତିରେ ଗ୍ରାମକୁ ଆମ୍ବୁଲାନ୍ସ ଆସି ପାରୁ ନାହିଁ। ଗ୍ରାମବାସୀ ରୋଗରେ ପଡିଲେ ଖଟିଆ ଭାରରେ ବୁହା ହୋଇ ୨ କିମି ଦୂର ଆମ୍ବପଦର ଗ୍ରାମ ଛକ ପର୍ଯ୍ୟନ୍ତ ଯାଇଥାନ୍ତି। ସେହିଠାରୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ିରେ ଦଶମନ୍ତପୁର ଡାକ୍ତରଖାନା ନେବାକୁ ହୁଏ। ରାସ୍ତା ପାଇଁ ଗ୍ରାମବାସୀ ଅନେକ ଥର ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ପ୍ରତିବର୍ଷ ପଲ୍ଲିସଭା ଓ ଗ୍ରାମସଭାରେ ଗୃହୀତ ହେଉଥିଲେ ସୁଦ୍ଧା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ। ଶେଷରେ ସେମାନେ ସମସ୍ତେ ମିଶି ୨ କିମି କାଦୁଅ ରାସ୍ତା ସଫା କରିଛନ୍ତି। ଗ୍ରାମକୁ ନିତିଦିନିଆ ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ସରପଞ୍ଚ ପୀତବାସ ମୁଦୁଲି ଓ ପିଇଓ ଯୁନାଥନ ହିଆଲଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଛତାଆମ୍ବ ଗ୍ରାମକୁ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ବ୍ୟବସ୍ଥା କରାଯିବ ବୋଲି ଉଭୟେ ପ୍ରକାଶ କରିଛନ୍ତି।


ମହିଳାମାନେ ଗ୍ରାମ କାଦୁଅ ରାସ୍ତା ସଫା କରୁଛନ୍ତି।

# ପିଇଓ, ଯୋଗାଣ ସହାୟକଙ୍କୁ ଗିରଫ ନ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନବରଙ୍ଗପୁର,୯।୮ (ବି.ପ୍ର.)

ଚାଉଳ ଦୁର୍ନୀତି ଘଟଣାରେ କାର୍ଯ୍ୟରୁ ବହିଷ୍କୃତ ହୋଇଥିବା ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟ୍ଟା ପିଇଓ ଓ ଯୋଗାଣ ସହାୟକଙ୍କୁ ଗିରଫ ନ କରିବାକୁ ହାଇକୋର୍ଟ ଅନ୍ତରୀଣ ଆଦେଶ ଜାରି କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଯୋଗାଣ ସହାୟକ ବସନ୍ତ କୁମାର ସାଗରିଆ ଚାକିରିରୁ ବହିଷ୍କୃତ ପରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାଇ ଡବ୍ଲ୍ୟୁପିସି ୧୮୪୦୨/୨୨ରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଯୋଗାଣ ସହାୟକ ଭାବେ ଆଉ କାହାକୁ ନିଯୁକ୍ତି ଦିଆଯିବ ନାହିଁ ବୋଲି ୨୦୨୨ ଜୁଲାଇ ୨୮ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସମେତ ଖାଉଟି କଲ୍ୟାଣ ବିଭାଗ ସଚିବ, ନବରଙ୍ଗପୁର ଜିଲାପାଳ, ଉପଜିଲାପାଳ, ବିଡିଓ, ପଞ୍ଚାୟତ ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଚାଉଳ ହଡପ ଘଟଣାକୁ ନେଇ ଭିଜିଲାନ୍ସ କେସ ୧୩(୨)୧୨(a) ପିସି ଆକ୍ଟ ୪୦୯,୧୨୦(B)ଆଇପିସି ଓ ଜିଆର କେସ ନମ୍ବର ୧୭/୨୨(V)ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ହାଇକୋର୍ଟରେ ଦ୍ୱାରସ୍ଥ ପରେ AB-LAPL କେସ ନମ୍ବର ୮୫୮୭/୨୨ ରୁଜୁ ହୋଇଥିଲା। ଯୋଗାଣ ସହାୟକ ସାଗରିଆଙ୍କୁ ଗିରଫ କରାନଯିବା ପାଇଁ ଭିଜିଲାନ୍ସ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଯୋଗାଣ ସହାୟକ ସାଗରିଆଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ଲୋଚନ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି। ସେହିଭଳି ପଞ୍ଚାୟତ ପିଇଓ ହରେକୃଷ୍ଣ ବିଷୋଇ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକ୍ରମେ ABLAPL ୯୧୯୨/୨୨ ମାମଲା ରୁଜୁ ହୋଇଥିଲା। ପିଇଓଙ୍କୁ ମଧ୍ୟ ଗିରଫ ନ କରିବାକୁ ନିର୍ଦ୍ଦେଶ ରହିଛି।

ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟ୍ଟା ପଞ୍ଚାୟତରେ ୧୫୦୪ ଜଣ ହିତାଧିକାରୀ ମେ, ଜୁନ ଓ ଜୁଲାଇ ମାସର ମାଗଣା ଚାଉଳ ହଡପ ହୋଇଥିଲା। ସରକାରୀ ହିସାବରେ ୩୨ ଲକ୍ଷ ୧୯ ହଜାର ୪୮୯ ଟଙ୍କା ୨୩ ପଇସାର ଚାଉଳ ହଡପ ହୋଇଥିବା ଜଣା ପଡିଥିଲା। ପିଇଓ ଓ ଯୋଗାଣ ସହାୟକ ତଦନ୍ତ ସମୟରେ କୌଣସି ସହଯୋଗ କରିନଥିଲେ ଓ ରେକର୍ଡ ପତ୍ର ଦେଖାଇ ନ ଥିଲେ। ଏହି ଘଟଣାରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ପିଇଓ ଏବଂ ଯୋଗାଣ ସହାୟକଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ତଦାରଖରେ ଅବହେଳା ହେତୁ ଯୋଗାଣ ନିରୀକ୍ଷକ ରୋହିତ କୁମାର ମାଝିଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର।

